# କଲେଜ ଅଧ୍ୟକ୍ଷ ସମ୍ମାନିତ

କାମାକ୍ଷାନଗର, ୨୨।୮ (ଅମ୍‌ଜାଦ ଖାନ୍)

ଢେଙ୍କାନାଳ ଜିଲା ସାଆନ୍ଦା ଆଞ୍ଚଳିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଶିଶିର କୁମାର ଦେହୁରୀ ଭୁବନେଶ୍ୱରରେ ଆୟୋଜିତ



ଏକ ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମରେ ଛତିଶଗଡ଼ ରାଜ୍ୟପାଳ ବିଶ୍ୱଭୂଷଣ ହରିଚନ୍ଦନଙ୍କ ଦ୍ୱାରା ସମ୍ମାନିତ ହୋଇଛନ୍ତି। ଶିକ୍ଷା ସଂସ୍କାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଛି। ୧୯୯୩ରୁ ଅଧ୍ୟାପନା ଜୀବନ ଆରମ୍ଭ କରିଥିବା ଦେହୁରୀ ୧୯୯୮ରୁ ସାଆନ୍ଦା କଲେଜ ଅଧ୍ୟକ୍ଷ ଭାବେ କାର୍ଯ୍ୟରତ ଅଛନ୍ତି। ୩୦ ବର୍ଷର ଦୀର୍ଘ ଅଧ୍ୟାପନା ବୃତ୍ତି ମଧ୍ୟରେ ସେ ଅନେକ ମେଧାବୀ ସୃଷ୍ଟି କରିଛନ୍ତି। ଏହି ସମ୍ମାନ ପରେ ତାଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।

# ଗଭୀରକୁ ଲମ୍ବିଛି ଦୁର୍ନୀତି ଚେର

- ପୁଣି ଚର୍ଚ୍ଚାରେ ଢେଙ୍କାନାଳ ପୌରସଂସ୍ଥା
- ୧୦ ମନି ରିସିପ୍ଟ ମିଳୁନାହିଁ
- ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ମିଳୁନି

ଢେଙ୍କାନାଳ, ୨୨।୮ (ରତନ ନାୟାର)

ଢେଙ୍କାନାଳ ପୌରସଂସ୍ଥାରେ ଦୁର୍ନୀତି ଚେର ଗଭୀରକୁ ଲମ୍ବିଛି। ଯେତିକି ଖୋଳତାଡ଼ ହେଉଛି, ସେତେ ବଡ଼ ବଡ଼ ଆର୍ଥିକ ଅନିୟମିତତା ଧରାପଡୁଛି। ଷ୍ଟ୍ରିଟ୍ ଲାଇଟ୍ ଲଗାଇବା ଏବଂ ବିଭିନ୍ନ ପ୍ରକଳ୍ପରେ ଠିକାଦାରଙ୍କ ପକ୍ଷରୁ ଡିପୋଜିଟ୍ ହୋଇଥିବା ଆର୍‌ନେଷ୍ଟ ମନି ଡିପୋଜିଟ୍ (ଇଏମ୍‌ଡି) ବାବଦ ୮୦ ଲକ୍ଷ ଟଙ୍କା ହଡ଼ପ ଅଭିଯୋଗର ଭିଜିଲାନ୍ସ ତନାଘନା ଆରମ୍ଭ ହୋଇଥିବାବେଳେ ଏବେ ୧୦ଟି ମନି ରିସିପ୍ଟ ମିଳୁ ନ ଥିବା ଜଣାପଡ଼ିଛି। ଫଳରେ ସହରାଞ୍ଚଳର ହୋଲ୍‌ଡିଂ ଟାକ୍ସ, ମାହାସୁଲ ସମେତ ଅନ୍ୟାନ୍ୟ କର ବାବଦରେ ଆଦାୟ ହୋଇଥିବା ୫୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ହିସାବ ମିଳୁନାହିଁ। ଲୋକାଲ ଫଣ୍ଡ ଅଡିଟ୍‌ରୁ ଏଭଳି କେଳେଙ୍କାରୀ ଧରାପଡ଼ିଛି। ତେବେ ଏତେବଡ଼ ଦୁର୍ନୀତିରେ



କେବଳ ଅଧସ୍ତନ କର୍ମଚାରୀ ନୁହନ୍ତି, ଅନେକ ବଡ଼ବଡ଼ିଆଙ୍କ ହାତ ରହିଥିବା ଆଶଙ୍କାକୁ ଏଡ଼ାଇ ଦିଆଯାଇପାରୁନାହିଁ।

ଢେଙ୍କାନାଳ ପୌରସଂସ୍ଥାରେ ୨୦୨୧-୨୨ ଆର୍ଥିକ ବର୍ଷରେ ମଞ୍ଜୁର ହୋଇଥିବା ଅନୁଦାନ, ବିନିଯୋଗ, ପୌରସଂସ୍ଥାର ଆୟ ଏବଂ ବିଭିନ୍ନ ସାମଗ୍ରୀ କିଣାରେ ହୋଇଥିବା ଖର୍ଚ୍ଚ ସମ୍ପର୍କରେ ସବିଶେଷ ତଥ୍ୟ ଜାଣିବା ଲାଗି ଲୋକାଲ ଫଣ୍ଡ ଅଡିଟ୍ ବିଭାଗ ପକ୍ଷରୁ ଅଡିଟ୍ କରାଯାଇଥିଲା। ୨୦୨୨ ଡିସେମ୍ବର ୧ରୁ ୨୦୨୩ ମାର୍ଚ୍ଚ ୨୫ ଯାଏ ଖୋଳତାଡ଼ କରାଯାଇଥିବାବେଳେ ଗତ ମେ' ୧୨ରେ ରିପୋର୍ଟ ଦାଖଲ କରାଯାଇଥିଲା। ଷ୍ଟକ୍ ରେଜିଷ୍ଟର ଯାଞ୍ଚ କରିବା ବେଳେ ମନି ରିସିପ୍ଟ ବହି ଫେରସ୍ତ ହୋଇ ନ ଥିବା ଜଣାପଡ଼ିଥିଲା। କେବଳ ଏତିକି ନୁହେଁ, ରେଜିଷ୍ଟରରେ ଏ ସମ୍ପର୍କରେ କୌଣସି ତଥ୍ୟ ମଧ୍ୟ ଉଲ୍ଲେଖ କରାଯାଇ ନ ଥିଲା। ସିରିଏଲ ନଂ. ୧ରୁ ୧୦ ପର୍ଯ୍ୟନ୍ତ ଥିବା ମନି ରିସିପ୍ଟ ବାବଦ ବହି ୫୧୩, ୫୨୬, ୫୩୪, ୫୪୪, ୫୦୦, ୪୩୮, ୪୬୯, ୪୮୩, ୪୮୪, ୪୯୧ ସମ୍ପର୍କରେ କୌଣସି ସୂଚନା ମିଳି ନ ଥିଲା।

ଏଭଳି ମହାଦୁର୍ନୀତିରେ ଜଣେ ତଳିଆ କର୍ମଚାରୀଙ୍କ ସମ୍ପୃକ୍ତି ଚର୍ଚ୍ଚା ହେଉଥିବାବେଳେ ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଛୁଟିରେ ଅଛନ୍ତି। ସେହିପରି ନିର୍ବାହୀ ଅଧିକାରୀ ମଧ୍ୟ ମଙ୍ଗଳବାରଠାରୁ ଛୁଟିରେ ଅଛନ୍ତି। ତେଣୁ ତାଙ୍କ ପ୍ରତିକ୍ରିୟା ମଧ୍ୟ ମିଳିପାରିନାହିଁ। ଫଳରେ ସମସ୍ତ ଘଟଣା ରହସ୍ୟାବୃତ୍ତ ହୋଇ ରହିଛି। କେବଳ ତଳିଆ କର୍ମଚାରୀ ନୁହନ୍ତି, ଏଥିରେ ଏକାଧିକ ପୂର୍ବତନ ଏବଂ ଏବେକାର କର୍ମଚାରୀ, ଅଧିକାରୀଙ୍କ ସମ୍ପୃକ୍ତି ରହିଥିବା ଆଲୋଚନା ହେଉଛି। ଭିଜିଲାନ୍ସ ପକ୍ଷରୁ ନିରପେକ୍ଷ ତଦନ୍ତ ହେଲେ ଆହୁରି ଅନେକ ଦୁର୍ନୀତି ପଦାକୁ ଆସିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

ଏ ସଂକ୍ରାନ୍ତରେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର କୁହନ୍ତି, ଅଡିଟ୍ ରିପୋର୍ଟରୁ ମନି ରିସିପ୍ଟ ବହି ମିଳୁ ନ ଥିବା ଜଣାପଡ଼ିଥିଲା। ଏହାର ତଦନ୍ତ କରିବା ଲାଗି ଭିଜିଲାନ୍ସ ବିଭାଗକୁ ଲିଖିତ ଭାବେ ଜଣାଯାଇଛି। ୧୪ଟି ମନି ରିସିପ୍ଟ ବହି ହଜିଥିବା ଅନୁମାନ କରାଯାଉଛି। ଭିଜିଲାନ୍ସ ତଦନ୍ତ ହେଲେ ସମସ୍ତ ତଥ୍ୟ ପଦାକୁ ଆସିବ।

## ପେଢ଼ି ଖୋଲିଲେ ପୂର୍ବତନ ନଗରପାଳ

ଢେଙ୍କାନାଳ ପୌରସଂସ୍ଥାରେ ଗୋଟିଏ ପରେ ଗୋଟିଏ ଦୁର୍ନୀତି ପେଢ଼ି ଖୋଲୁଥିବାବେଳେ ପୂର୍ବତନ ନଗରପାଳ ସୁରେନ୍ଦ୍ର ମିଶ୍ର ତେରେଛା ବାଣ ମାରିଛନ୍ତି। ଏହିସବୁ ଘଟଣାର ଭିଜିଲାନ୍ସ ତଦନ୍ତ କରାଗଲେ ଅନେକ ଅଧିକାରୀ ଓ କର୍ମଚାରୀ ଧରାପଡ଼ିବେ ବୋଲି ସେ ଜୋର୍‌ଦେଇ କହିଛନ୍ତି। ପୂର୍ବତନ ନଗରପାଳ ମିଶ୍ର କହିଛନ୍ତି, କୋଭିଡ୍ ମହାମାରୀ ସମୟରେ ପୌରସଂସ୍ଥାରେ ବ୍ୟାପକ ଦୁର୍ନୀତି ହୋଇଥିବା ସେ ଅଭିଯୋଗ କରିଥିଲେ। ହେଲେ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିଲା। ଜାଗା ମିଶନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା, ମୁକ୍ତା ଯୋଜନା, ବର୍ଷାଜଳ ଅମଳ ପ୍ରକଳ୍ପ, ସହର ସଫେଇ ଭଳି କାମରେ ବ୍ୟାପକ ଅର୍ଥ ହେରଫେର ହୋଇଛି। ଏହାର ତଦନ୍ତ ପାଇଁ ବହୁ ପୂର୍ବରୁ ସେ ଭିଜିଲାନ୍ସ ବିଭାଗକୁ ଲିଖିତ ଭାବେ ଜଣାଇଛନ୍ତି। କୋଭିଡ୍‌ରେ ମୃତ୍ୟୁ ଘଟୁଥିବା ରୋଗୀଙ୍କ ମୃତଦେହର ଶେଷକୃତ୍ୟ କରିବା ଲାଗି ରାଜ୍ୟ ସରକାର ୭୫୦୦ ଟଙ୍କା ପ୍ରଦାନ କରୁଥିଲେ। ତେବେ ପୌର କର୍ତ୍ତୃପକ୍ଷ ୮ନଂ. ୱାର୍ଡ ବାଞ୍ଛକୁସୁମ ଅଞ୍ଚଳରେ ଥିବା ପୌରସଂସ୍ଥାର ଡମ୍ପିଂୟାର୍ଡରେ ମୃତଦେହ ଫିଙ୍ଗିଦେଉଥିଲେ। ତେଣୁ ଭିଜିଲାନ୍ସ ପକ୍ଷରୁ ଏସବୁର ବିଧିବଦ୍ଧ ତଦନ୍ତ ହେବା ଜରୁରୀ।

# ୨ ଫେରାର ଅଭିଯୁକ୍ତ ଗିରଫ

କାମାକ୍ଷାନଗର, ୨୨।୮ (ଅମ୍‌ଜାଦ୍ ଖାନ୍)

ଏକ ଆପରାଧିକ ମାମଲାରେ ୧୦ ବର୍ଷ ଧରି ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ କଙ୍କଡ଼ାହାଡ଼ ଥାନା ପୋଲିସ ଗିରଫ କରିଛି। ସେ ହେଲେ ତାରିଣୀପଶି ଗ୍ରାମର ପ୍ରଫୁଲ୍ଲ ସୋରେନ୍। ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ୨୦୨୩ରେ ତାଙ୍କ ନାମରେ ଏକ ମାମଲା (ନଂ.୩୦୭/୧୩) ରୁଜୁ ହୋଇଥିଲା। ସେହିଦିନଠାରୁ ପ୍ରଫୁଲ୍ଲ ଫେରାର ଥିଲେ। ଆଇଆଇସି ନିର୍ମଳା ଗୋଚ୍ଛାୟତଙ୍କ ତତ୍ତ୍ୱାବଧାନରେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେହିପରି କାମାକ୍ଷାନଗର ଆଇଆଇସି ଶରତ ଚନ୍ଦ୍ର ମହାଲିକଙ୍କ ନେତୃତ୍ୱରେ ପଥରଖମ୍ବ ଗ୍ରାମର ସଞ୍ଜୟ ନାଏକ ଗିରଫ ହୋଇଛନ୍ତି। ଏକ ଗଣ୍ଡଗୋଳ ମାମଲାରେ ସଞ୍ଜୟ ସମ୍ପୃକ୍ତ ଥିଲେ।

# ମୋବାଇଲ ଚୋରି ଅଭିଯୁକ୍ତ ଗିରଫ

**ଢେଙ୍କାନାଳ, ୨୨।୮ (ରତନ ନାୟାର):** ଢେଙ୍କାନାଳ କାଳଟାକ୍ସ ଫାଣ୍ଡି ଅଞ୍ଚଳରେ ଗତ ସପ୍ତାହରେ ଜଣେ ବ୍ୟକ୍ତିଙ୍କଠାରୁ ଏକ ଦାମୀ ମୋବାଇଲ ଚୋରି ହୋଇଥିଲା। ଏହି ଘଟଣାରେ ମଙ୍ଗଳବାର ପୋଲିସ ଅଭିଯୁକ୍ତ ଦୁଷ୍ମନ୍ତ ବିଶ୍ୱାଳ ଓରଫ ଗଜନୀଙ୍କୁ ଗିରଫ କରିଛି। ଚୋରି ମୋବାଇଲ ଜବତ କରାଯାଇଛି। ଦୁଷ୍ମନ୍ତଙ୍କ ଘର ସଦର ଥାନା ସିମିନଇ ଅଞ୍ଚଳରେ ବୋଲି ଜଣାପଡ଼ିଛି।

# ଅଷ୍ଟଶମ୍ଭୁ ମନ୍ଦିରରେ କଳାକନା ବୁଲାଇଲେ ଦୁର୍ବୃତ୍ତ

ପରଜଙ୍ଗ, ୨୨।୮ (ନିଗମାନନ୍ଦ ଦଳବେହେରା)

ନବମ ଶତାବ୍ଦୀର ଏତିହ୍ୟସମ୍ପନ୍ନ କୁଆଳୋ ଅଷ୍ଟଶମ୍ଭୁ ପୀଠର ବିକାଶ ଲାଗି କେନ୍ଦ୍ର ସରକାର ଅଣ୍ଟା ଭିଡୁଥିବାବେଳେ ସୋମବାର ରାତିରେ ମନ୍ଦିରରେ କଳାକନା ବୁଲାଇଛନ୍ତି ଦୁର୍ବୃତ୍ତ। ତାଲା ତାଡ଼ି ଦାନବକ୍ସ, ଷ୍ଟୋର ରୁମ୍‌ରୁ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ସମେତ ନଗଦ ୫୦ ହଜାର ଟଙ୍କା ଚୋରି କରି ନେଇଛନ୍ତି। ମଙ୍ଗଳବାର ସକାଳେ ଘଟଣା ଜଣାପଡ଼ିବା ପରେ ମନ୍ଦିର କମିଟି ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ଏହାପରେ ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ଖବର ଲେଖାଯିବା ସୁଦ୍ଧା ଏହି ଘଟଣାରେ କେହି ଧରାପଡ଼ି ନ ଥିବା ଜଣାପଡ଼ିଛି।

ପରଜଙ୍ଗ ଅଞ୍ଚଳରେ ଚୋରି, ରାହାଜାନି, ସିନ୍ଧିଚୋରି ଭଳି ଆପରାଧିକ ଘଟଣା ବଢ଼ିବାରେ ଲାଗିଛି। ରବିବାର ରାତିରେ ମୁଣ୍ଡେଇଲୋ ଗ୍ରାମର ଶୁଭେନ୍ଦୁ ପଣ୍ଡାଙ୍କ ଘରୁ ଏକ ଟୁଲ୍ ପମ୍ପ ଚୋରି ହୋଇଥିଲା। ସେହିପରି ହାତୀଲୁଚାଣି ଗ୍ରାମର ଦୀପ୍ତିରଞ୍ଜନ ଜେନାଙ୍କ ଏକ ସାଇକେଲକୁ ଚୋରମାନେ ନେଇଯାଇଛନ୍ତି। ତାଲା ଭାଙ୍ଗିବାରେ ବିଫଳ ହେବାରୁ ସ୍କୁଟିକୁ ଅଧା ବାଟ ଘୋଷାଡ଼ି ନେଇ ଛାଡ଼ି ପଳାଇଛନ୍ତି। ଏଥିପୂର୍ବରୁ ହାତୀଲୁଚାଣି ଗ୍ରାମର ବିକାଶ ମହାନ୍ତିଙ୍କ ଏକ ଦାମୀ ମୋବାଇଲ ଚୋରି ହୋଇଥିଲା। ସେହିପରି ଆହୁରି ୫ରୁ ଊର୍ଦ୍ଧ୍ୱ ଚୋରି ମାମଲା ରୁଜୁ ହୋଇଛି। ହେଲେ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିବାରେ ବିଫଳ ହୋଇଛି।

ଏ ନେଇ ଥାନାଧିକାରୀ ପ୍ରଶାନ୍ତ ପାତ୍ର କୁହନ୍ତି, ଏ ସମସ୍ତ ଘଟଣାରେ ସ୍ଥାନୀୟ ଅଞ୍ଚଳର କେତେଜଣ ଯୁବକଙ୍କ ସମ୍ପୃକ୍ତି ଥିବା ଜଣାପଡ଼ିଛି। ସେମାନେ ପୋଲିସ ସ୍କାନରରେ ଅଛନ୍ତି। ଅଭିଯୁକ୍ତମାନେ ଖୁବ୍‌ଶୀଘ୍ର ଧରାପଡ଼ିବେ।



ପୋଲିସ ପକ୍ଷରୁ ଘଟଣାସ୍ଥଳରେ ତଦନ୍ତ କରାଯାଉଛି।

# ରାସ୍ତାକୁ ଓହ୍ଲାଇଲେ ଅଞ୍ଚଳବାସୀ

**ସରୁନି ୫୫ନଂ. ଏନ୍‌ଏଚ୍ ସମ୍ପ୍ରସାରଣ କାର୍ଯ୍ୟ**



ରାସ୍ତା ଅବରୋଧ କାରଣରୁ ଯାନବାହନ ଅଟକି ରହିଛି।

ସାତମାଇଲ, ୨୨।୮ (ସୁଶାନ୍ତ ପତି)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଦେଇ ଯାଇଥିବା ୫୫ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କାର୍ଯ୍ୟ ଅହେତୁକ ବିଳମ୍ବ ହେବାରେ ଲାଗିଛି। ସାରା ରାସ୍ତା ବଡ଼ବଡ଼ ଖାଲରେ ଭର୍ତ୍ତି ହୋଇଥିବାବେଳେ ଧୂଳି ଉଡ଼ି ପ୍ରଦୂଷଣ ବଢ଼ିବାରେ ଲାଗିଛି। ଦୁର୍ଘଟଣା ମଧ୍ୟ ଘଟୁଛି। ଏହାର ପ୍ରତିବାଦରେ ମଙ୍ଗଳବାର ରାସ୍ତାକୁ ଓହ୍ଲାଇଛନ୍ତି ଓଡ଼ାପଡ଼ା ଛକ ଅଞ୍ଚଳବାସୀ। ସେମାନେ ପୂର୍ବାହ୍ନ ୧୦ଟାରୁ ମଧ୍ୟାହ୍ନ ୧୨ଟା ଯାଏ ରାସ୍ତା ଅବରୋଧ କରିଥିଲେ। ୭ଦିନ ଭିତରେ ରାସ୍ତା ମରାମତି କରାଯିବ ବୋଲି ପ୍ରଶାସନିକ ପ୍ରତିଶ୍ରୁତି ମିଳିବା ପରେ ରାସ୍ତାରୋକୋ ହଟିଥିଲା।

ସମ୍ପ୍ରସାରଣ କାର୍ଯ୍ୟରେ ଅହେତୁକ ବିଳମ୍ବ ଯୋଗୁ ଶିଳ୍ପବହୁଳ ଓଡ଼ାପଡ଼ା ବ୍ଲକର ବ୍ୟସ୍ତବହୁଳ ରସାସିଂହଠାରୁ କଣ୍ଟାବଣିଆ ପର୍ଯ୍ୟନ୍ତ ୫୫ନଂ. ଜାତୀୟ ରାଜପଥ ମରଣଯନ୍ତା ପାଲଟିଛି। ବାରମ୍ବାର ଅଭିଯୋଗ, ଆନ୍ଦୋଳନ କରିବା ସତ୍ତ୍ୱେ ସୁଫଳ ମିଳୁନାହିଁ। ଏହାର ପ୍ରତିବାଦରେ ଓଡ଼ାପଡ଼ା କଲେଜ ଛକ ନିକଟରେ ସ୍ଥାନୀୟ ଲୋକେ ରାସ୍ତା ଅବରୋଧ କରିଥିଲେ। ତହସିଲଦାର ବାଣୀ ନିବେଦିତା ସ୍ୱାଇଁ, ମୋଟଙ୍ଗା ପୋଲିସ ସହ ପହଞ୍ଚି ବୁଝାଶୁଝା କରିଥିଲେ। ରାସ୍ତାରେ ପାଣି ସିଞ୍ଚନ, ସପ୍ତାହକ ମଧ୍ୟରେ ରାସ୍ତା ମରାମତି ଲାଗି ପ୍ରତିଶ୍ରୁତି ଦିଆଯିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଅନ୍ୟପଟେ ରାସ୍ତାରୋକୋ ଯୋଗୁ ଯାନବାହନ ଚଳାଚଳ ବ୍ୟାହତ ହୋଇଥିଲା।

# ବନ୍ଧାହେଲେ ୨ ରୋଡ୍ ରୋମିଓ

ପରଜଙ୍ଗ, ୨୨।୮ (ନିଗମାନନ୍ଦ ଦଳବେହେରା)

ଜଣେ କଲେଜ ଛାତ୍ରୀଙ୍କୁ ପ୍ରେମ ନିବେଦନ କରି ରାସ୍ତାରେ ହଇରାଣ କରୁଥିବା ୨ଜଣ ରୋଡ୍ ରୋମିଓଙ୍କୁ ଉତ୍ତମ ମଧ୍ୟମ ଦେଇ ପୋଲିସ ଜିମା ଦେଇଛନ୍ତି ଗ୍ରାମବାସୀ। ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ଅନ୍ତର୍ଗତ ୫୩ନଂ. ଜାତୀୟ ରାଜପଥର ପରଜଙ୍ଗ ପେଟ୍ରୋଲ ପମ୍ପ ନିକଟରେ ମଙ୍ଗଳବାର ଘଟିଥିବା ଏହି ଘଟଣା ଚର୍ଚ୍ଚାର ବିଷୟ ହୋଇଛି। ଏ ନେଇ ଛାତ୍ରୀଙ୍କ ଅଭିଯୋଗକ୍ରମେ ଥାନାରେ ମାମଲା ରୁଜୁ ହୋଇଛି। ୨ ଅଭିଯୁକ୍ତ ଅନୁଗୋଳ ଜିଲା କଣିହାଁ ବ୍ଲକ ବିଜିଗୋଳ ଗ୍ରାମର ସୁନୀଲ ପଲେଇ, ରଞ୍ଜନ ପ୍ରଧାନଙ୍କୁ ବୁଧବାର କୋର୍ଟ ଚାଲାଣ କରାଯିବ ବୋଲି ଥାନାଧିକାରୀ ପ୍ରଶାନ୍ତ କୁମାର ପାତ୍ର ସୂଚନା ଦେଇଛନ୍ତି।

ଅଭିଯୋଗ ଅନୁଯାୟୀ, ମୁଣ୍ଡେଇଲୋ ଅଞ୍ଚଳର ଜଣେ ଛାତ୍ରୀ ପରଜଙ୍ଗ କଲେଜରେ ପଢୁଛନ୍ତି। ସେ ମଙ୍ଗଳବାର କଲେଜରୁ ସାଇକେଲରେ ଘରକୁ ଫେରୁଥିବାବେଳେ ୩ଜଣ ଯୁବକ ବାଇକ୍‌ରେ ଆସି ତାଙ୍କୁ ଅଟକାଇବା ସହ ପ୍ରେମ ନିବେଦନ କରିଥିଲେ। ଛାତ୍ରୀଜଣକ ପ୍ରତିବାଦ କରିବାରୁ ୩ ଅଭିଯୁକ୍ତଙ୍କ ମଧ୍ୟରୁ ଜଣେ ତାଙ୍କୁ ଏକ ଶକ୍ତ ଚାପୁଡ଼ା ମାରି ଫେରାର ହୋଇଯିବାକୁ ଉଦ୍ୟମ କରିଥିଲେ। ଏ ନେଇ ଛାତ୍ରୀଜଣକ ଘର ଲୋକଙ୍କୁ ଫୋନ୍ କରି ଜଣାଇବା ପରେ ଲୋକମାନେ ରାସ୍ତା ବନ୍ଦ କରି ଜଗିଥିଲେ। ମୁଣ୍ଡେଇଲୋ ଗ୍ରାମ ନିକଟରେ ଗ୍ରାମବାସୀ ୨ ଯୁବକଙ୍କୁ କାବୁ କରିଥିବାବେଳେ ଅନ୍ୟ ଜଣେ ଦୌଡ଼ି ପଳାଇଥିଲେ। ସୂଚନା ପାଇ ପୋଲିସ ପହଞ୍ଚି ସେମାନଙ୍କୁ ହେପାଜତକୁ ନେଇଥିଲା।



୨ ଅଭିଯୁକ୍ତଙ୍କୁ ପୋଲିସ ହେପାଜତକୁ ନେଇଛି।

# ୧୦ କୁଇଣ୍ଟାଲ ଲୁହାଛଡ଼ ଜବତ, ୬ ଗିରଫ

ଭୁବନ, ୨୨।୮ (ବିପିନ ବିହାରୀ ସେଠୀ)

ଭୁବନ ଥାନା ଅନ୍ତର୍ଗତ ଓଡ଼ଣା ଗ୍ରାମର ବୃହତ୍ ପାନୀୟ ଜଳପ୍ରକଳ୍ପ କାର୍ଯ୍ୟରେ ନିୟୋଜିତ 'ମେଘା' କମ୍ପାନୀ ଷ୍ଟକ୍‌ୟାର୍ଡରୁ ୧୦ କୁଇଣ୍ଟାଲ ଲୁହା ଛଡ଼ ଏବଂ ଅନ୍ୟାନ୍ୟ ସାମଗ୍ରୀ ଚୋରି ଘଟଣାରେ ପୋଲିସ ୬ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମେଘା କମ୍ପାନୀର ସିକ୍ୟୁରିଟି ଗାର୍ଡ ପ୍ରଶାନ୍ତ ନାୟକ (୩୪), ଟିପ୍ପର ଡ୍ରାଇଭର ପ୍ରଶାନ୍ତ କୁମାର ସାହୁ (୫୧), ଷ୍ଟୋରକିପର ତେଲଙ୍ଗାନାର ଏନ୍. ରମେଶ ନାଏକ (୨୪), କଟକ ଜିଲା ବଡ଼ମ୍ବା ଅଞ୍ଚଳର ଅମିତ କୁମାର ସ୍ୱାଇଁ(୨୩), ଷ୍ଟୋର ସହାୟକ ତଥା ନୟାଗଡ଼ ଅଞ୍ଚଳର ଆଶୁତୋଷ ବେହେରା (୨୧) ଏବଂ ଚୋରି ଲୁହା ରଡ୍ କିଣିଥିବା ଭୁବନ ଥାନା ଆଦିପୁରା ଗ୍ରାମର କଳାକାର ସାହୁ (୪୯)।

ମେଘା କମ୍ପାନୀରୁ ଗତ ଅଗଷ୍ଟ ୧୩ରେ ଚୋରି ହୋଇଥିଲା। ଏ ନେଇ ଗତ ୨୧ ତାରିଖରେ ଭୁବନ ଥାନାରେ ଏକ ମାମଲା (ନଂ. ୩୪୦/୨୩) ରୁଜୁ ହୋଇଥିଲା। ଘଟଣାଦିନ ଅଭିଯୁକ୍ତମାନେ ଟ୍ରକ୍ (ନଂ. ଓଡି ୦୫ ଜେ ୯୯୯୦) ସହାୟତାରେ ପ୍ରାୟ ୧୦ କୁଇଣ୍ଟାଲ ଲୁହା ଛଡ ଷ୍ଟକ୍‌ୟାର୍ଡରୁ ଚୋରି କରି ନେଇଥିଲେ। ଏହାକୁ କଳାକାର ସାହୁଙ୍କୁ ୩୫,୦୦୦ ଟଙ୍କାରେ ବିକ୍ରି କରିଥିଲେ। ଟଙ୍କା ପରସ୍ପର ମଧ୍ୟରେ ବାଣ୍ଟି ନେଇଥିଲେ। ଜବତ ଲୁହା ଛଡ଼ କମ୍ପାନୀକୁ ହସ୍ତାନ୍ତର କରାଯାଇଛି। ଭୁବନ କୋର୍ଟରେ ଜାମିନ ନାମଞ୍ଜୁର ପରେ ଅଭିଯୁକ୍ତଙ୍କୁ କାମାକ୍ଷାନଗର ଜେଲ ହାଜତକୁ ପଠାଇ ଦିଆଯାଇଥିବା ଥାନାଧିକାରୀ ସୂଚନା ଦେଇଛନ୍ତି।



ଲୁହା ଛଡ଼ ଚୋରି ଘଟଣାରେ ଗିରଫ ଅଭିଯୁକ୍ତମାନେ।

# ୧୨ ଦଫା ଦାବିରେ ୧୨ ଘଣ୍ଟିଆ ବନ୍ଦ



ଆନ୍ଦୋଳନରେ ସାମିଲ ହୋଇଥିବା ଭାଜପା ନେତୃବୃନ୍ଦ।

- ଭୁବନ ଭାଜପା ପକ୍ଷରୁ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ
- ଜୀବନ ଯାତ୍ରା ପ୍ରଭାବିତ

ଭୁବନ, ୨୨।୮ (ବିପିନ ବିହାରୀ ସେଠୀ)

ଢେଙ୍କାନାଳ ଜିଲା ଭୁବନ ଏନ୍‌ଏସିରେ ଲାଗି ରହିଥିବା ବିଭିନ୍ନ ସମସ୍ୟା ପ୍ରତିବାଦରେ ଭାଜପା ପକ୍ଷରୁ ମଙ୍ଗଳବାର ୧୨ଘଣ୍ଟିଆ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଡାକରା ଦିଆଯାଇଥିବାବେଳେ ଜୀବନଯାତ୍ରା ପ୍ରଭାବିତ ହୋଇଛି। ଏହାକୁ ସମର୍ଥନ ଜଣାଇ ସହରର ସମସ୍ତ ବ୍ୟବସାୟିକ ପ୍ରତିଷ୍ଠାନ, ସରକାରୀ ଓ ବେସରକାରୀ ଅନୁଷ୍ଠାନ ବନ୍ଦ ରହିଥିଲା। ବସ୍ ସମେତ ଅନ୍ୟ ଜରୁରିକାଳୀନ ସେବା ସ୍ୱାଭାବିକ ଥିଲା।

ଭୁବନ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ନିଯୁକ୍ତି, ବନ୍ଦ ହୋଇଯାଇଥିବା ଶୀତଳଭଣ୍ଡାର ମାମଲାର ତଦନ୍ତ, ନୂତନ ଶୀତଳଭଣ୍ଡାର ନିର୍ମାଣ, ରଗଡ଼ି ନାଳରେ ବିଷାକ୍ତ କ୍ରୋମାଇଟ୍ ଗୁଣ୍ଡ ପକାଇବା ବନ୍ଦ କରିବା, ନୀଳମାଧବ ପେଟ୍ରୋଲ ପମ୍ପଠାରୁ କୋର୍ଟ ଛକ ପର୍ଯ୍ୟନ୍ତ ପୂର୍ତ୍ତ ବିଭାଗ ରାସ୍ତା ନିର୍ମାଣ, ସ୍ଥାୟୀ ପନିପରିବା ମାର୍କେଟ ବ୍ୟବସ୍ଥା, ନବନିର୍ମିତ କଲ୍ୟାଣମଣ୍ଡପ ଓ ଶୌଚାଳୟ ଲୋକାର୍ପଣ, ପରିମଳ ସୁଧାର, ୧୫ ୱାର୍ଡରେ ପାନୀୟ ଜଳଯୋଗାଣ ସମସ୍ୟାର ସମାଧାନ, ଅଘୋଷିତ ବିଦ୍ୟୁତ୍ କାଟ ବନ୍ଦ, ପିଏମ୍ ଆବାସ କାର୍ଯ୍ୟାଦେଶ ବଣ୍ଟନରେ ଦୁର୍ନୀତି ଆଦି ଦାବିରେ ଏହି ଆନ୍ଦୋଳନ ଡାକରା ଦିଆଯାଇଥିଲା।

ଭାଜପା ନଗର ସଭାପତି ଭବାନୀ ଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଶତ୍ରୁଘ୍ନ ଜେନା ମୁଖ୍ୟ ଅତିଥି ଭାବେ ଯୋଗଦେଇ ବିଭିନ୍ନ ଦାବି ସମ୍ପର୍କରେ ଆଲୋଚନା କରିଥିଲେ। ଏଥିସହ ଶାସକ ଦଳର ମନମୁଖି ଶାସନକୁ ନିନ୍ଦା କରିଥିଲେ। ପ୍ରେମାନନ୍ଦ ଜେନା, ପବିତ୍ର ବିଶ୍ୱାଳ, ସଞ୍ଜୟ ରାଉତ, ସଞ୍ଜୟ ଦାସ, ସନ୍ଦୀପ ପଟ୍ଟନାୟକ, ମାମିନା ସାଇଁ, ସସ୍ମିତା ଖୁଣ୍ଟିଆ, ରତ୍ନପ୍ରଭା ପଣ୍ଡା, ସରୋଜ ବେହେରା, ସମୀର ସାହୁ, ଉମ୍ବରୁଧର ପାତ୍ର, ଅରୁଣ ସାହୁ, ଦେବଦତ୍ତ ପଟ୍ଟନାୟକ, ସନ୍ତୋଷ ପୃଷ୍ଟି, ଅଜିତ ବିହାରୀ, ସୁଶାନ୍ତ ନାୟକ, ମନମୋହନ ସାହୁ, କୃପାସିନ୍ଧୁ ବେହେରା, ରଶ୍ମିତା ସାହୁ, ସସ୍ମିତା ନାୟକ, ସଞ୍ଜୁକା ସେଠୀ, ସୁଚିତ୍ରା ସାହୁଙ୍କ ସମେତ ଭୁବନ ଏବଂ କାମାକ୍ଷାନଗର ବ୍ଲକର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ। ଯୁବମୋର୍ଚ୍ଚା ସଭାପତି ନିର୍ମଳ ଗୁରୁ ଏହାର ପରିଚାଳନା କରିଥିଲେ। ଶାନ୍ତିଶୃଙ୍ଖଳା ରକ୍ଷା ନିମନ୍ତେ ପୋଲିସ ମୁତୟନ ହୋଇଥିଲେ।

# ବିପୁଳ ପୋଚ, ଦେଶୀ ମଦ ନଷ୍ଟ

କାମାକ୍ଷାନଗର, ୨୨।୮ (ଅମ୍‌ଜାଦ୍ ଖାନ୍)

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡରେ ଚୋରା ମଦ କାରବାର ବଢ଼ିବାରେ ଲାଗିଛି। ଘଞ୍ଚ ଜଙ୍ଗଲରେ ଯୋଜନାବଦ୍ଧ ଭାବେ ମଦ ରନ୍ଧାଯାଉଛି। ଅବକାରୀ ବିଭାଗ କିମ୍ବା ପୋଲିସ ଯେପରି ଧରି ନ ପାରିବ ସେଥିଲାଗି ମଦ ବ୍ୟବସାୟୀମାନେ ନୂଆ ଯୋଜନା କରୁଛନ୍ତି। ମାଟି ତଳେ ଗାତ ଖୋଳି ପଲିଥିନ ସହାୟତାରେ ପୋଚ ପ୍ରସ୍ତୁତ କରାଯାଉଛି। ଲତାବୁଦା ଆଡୁଆଳରେ ମଦ ରନ୍ଧା ସାମଗ୍ରୀ ଲୁଚାଇ ରଖାଯାଉଛି। ସୋମବାର ରାତିରେ ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅନ୍ତର୍ଗତ ତୁଳସୀପଶି ଗ୍ରାମ ନିକଟ ଜଙ୍ଗଲରୁ ଏଭଳି ଏକ ଚୋରା ମଦ ରନ୍ଧା ଯାଉଥିବା ଆଡ୍ଡା ଠାବ କରିଛି ଅବକାରୀ ବିଭାଗ। ଘଟଣାସ୍ଥଳରୁ ଜବତ କରାଯାଇଥିବା ୨୮୦୦ ଲିଟର ପୋଚ, ୧୦୦ ଲିଟର ରନ୍ଧା ଦେଶୀ ମଦ ନଷ୍ଟ କରାଯାଇଛି। ଜବତ ମଦ ଏବଂ ପୋଚର ଆନୁମାନିକ ମୂଲ୍ୟ ପ୍ରାୟ ଦେଢ଼ ଲକ୍ଷ ଟଙ୍କା ହେବ ବୋଲି ଜଣାପଡ଼ିଛି। କାମାକ୍ଷାନଗର ଅବକାରୀ ବିଭାଗ ଏସ୍‌ଆଇ ସଞ୍ଜୀବ ଶର୍ମା ଏବଂ ପରଜଙ୍ଗ ଅବକାରୀ ଏସ୍‌ଆଇ ଆରତୀ ମିଶ୍ର ସଦଳବଳ ଏହି ଚଢ଼ାଉ କରିଥିଲେ। ଏହି ଘଟଣାରେ କାହାରିକୁ ଗିରଫ କରାଯାଇନାହିଁ।



ଅବକାରୀ ବିଭାଗ କର୍ମଚାରୀ ପୋଚ ନଷ୍ଟ କରୁଛନ୍ତି।

## ଅବକାରୀ ଚଢ଼ାଉ, ୭ ଗିରଫ

**ବଇଣ୍ଡା,୨୨।୮ (ପରିକ୍ଷିତ ସାହୁ)/ ଛେଣ୍ଡିପଦା (ଅଜିତ ଧଳ):**

କିଶୋରନଗର ବ୍ଲକ ହଣ୍ଡପା ଥାନା ଅଞ୍ଚଳରେ ମଙ୍ଗଳବାର ଆଠମଲ୍ଲିକ ଓ ବଇଣ୍ଡା ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ଚୋରା ମହୁଲି ମଦ ଜବତ ସହ ୩ ଜଣଙ୍କୁ ଗିରଫ କରାଯାଇଛି। ହଣ୍ଡପା ଥାନା କଦଳୀମୁଣ୍ଡା ଗ୍ରାମରେ ଚଢ଼ାଉ କରାଯାଇ ଦିଲୀପ ବେହେରାଙ୍କ ଘରୁ ୧୨ ଲିଟର ଚୋରା ମହୁଲି ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଛି। ସେହିପରି ଡଙ୍ଗାଧର ଗ୍ରାମରେ ଚଢ଼ାଉ କରାଯାଇ ଭବାନୀ ପ୍ରଧାନଙ୍କ ଘରୁ ୩୦ ଲିଟର, କଣ୍ଟେଇକୋଳିଆ ଗ୍ରାମର ଖଗ ନାୟକଙ୍କ ଘରୁ ୩୦ ଲିଟର ଚୋରା ମହୁଲି ମଦ ଜବତ ସହ ଉଭୟଙ୍କୁ ଗିରଫ କରାଯାଇଛି। ଏହି ଚଢ଼ାଉରେ ଆଠମଲ୍ଲିକ ଅବକାରୀ ବିଭାଗ ଉପ ନିରୀକ୍ଷକ ଧରଣୀଧର ପ୍ରହରାଜ, ବଇଣ୍ଡା ଅବକାରୀ ଉପ ନିରୀକ୍ଷକ ରଞ୍ଜିତା ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ। ସେହିପରି ଜିଲା ଅବକାରୀ ବିଭାଗ ପକ୍ଷରୁ ବାଗଡିଆ ଥାନାର ବିଭିନ୍ନ ଅଞ୍ଚଳରେ ଚଢ଼ାଉ କରାଯାଇ ୯୦ ଲିଟର ମହୁଲି ମଦ ଜବତ ସହିତ ବସନ୍ତପୁର ଗ୍ରାମର ସାଇବାଣୀ ବେହେରା, ରଙ୍ଗମାଟିଆ ଗ୍ରାମର ମଳି ମାହାର ଏବଂ ଶୁକ୍ରୁ ମାହାର ଓ ଭଟପାଳ ଗ୍ରାମର ଧନେଶ୍ୱର ବେହେରାଙ୍କୁ ଗିରଫ କରାଯାଇଛି।

## ୧୮ ମଣ୍ଡପରେ ପୂଜା ପାଇବେ ଦେବ ଶିଳ୍ପୀ

- ନାଲ୍କୋ ବିଶ୍ୱକର୍ମା ପୂଜା ପାଇଁ ପ୍ରସ୍ତୁତି ବୈଠକ
- ସାଜସଜ୍ଜା ଉପରେ ଦିଆଯିବ ଅଧିକ ଗୁରୁତ୍ୱ
- ଆକର୍ଷଣ ସାଜିବ ମିନା ବଜାର, ଦୋଳି
- ସେପ୍ଟେମ୍ବର ୨୪ରେ ଧୁମ୍‌ଧାମରେ ଭସାଣି


ଦେବଶିଳ୍ପୀଙ୍କ ଫାଇଲ ଫଟୋ

**ବଣ୍ଡଁରପାଳ,୨୨।୮ (ଉପେନ୍ଦ୍ର ରାଉତ)**

ଆସନ୍ତା ସେପ୍ଟେମ୍ବର ୧୭ରେ ବିଶ୍ୱକର୍ମା ପୂଜା ପାଳନ ହେବ। ଏଥିପାଇଁ ଅନୁଗୋଳ ଜିଲା ନାଲ୍‌କୋ ଅଞ୍ଚଳ ଚଳଚଞ୍ଚଳ ହୋଇଉଠିଲାଣି। ପୂର୍ବବର୍ଷଗୁଡ଼ିକ ଅପେକ୍ଷା ଏଥର ଦେବଶିଳ୍ପୀଙ୍କ ପୂଜାକୁ ଅଧିକ ଆଡ଼ମ୍ବରରେ କରାଯିବ। ସପ୍ତାହେ ଧରି ପୂଜା ପରେ ସେପ୍ଟେମ୍ବର ୨୪ରେ ଧୁମ୍‌ଧାମରେ ଭସାଣି ପର୍ବ ଅନୁଷ୍ଠିତ ହେବ। ଏ ନେଇ ନାଲ୍‌କୋ ଟ୍ରେନିଂ ସେଣ୍ଟରଠାରେ ଇଡି ଅମୀୟ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ହୋଇଥିବା ଆଲୋଚନା ଅନୁଯାୟୀ, ଚଳିତବର୍ଷ ନାଲ୍‌କୋନଗରରେ ୧୮ ମଣ୍ଡପରେ ଦେବଶିଳ୍ପୀଙ୍କୁ ଆରାଧନା କରାଯିବ। ବିଶେଷକରି ଚଳତବର୍ଷ ପୂଜାକୁ କିପରି ଆକର୍ଷଣୀୟ କରାଯିବ, ସୁଉଚ୍ଚ ତୋରଣ ସାଙ୍ଗକୁ ରଙ୍ଗିନ ଆଲୋକମାଳାରେ ସମଗ୍ର ଅଞ୍ଚଳ ଝଲସି ଉଠିବ, ତାହା ଉପରେ ବୈଠକରେ ଅଧିକ ଗୁରୁତ୍ୱ ଦିଆଯାଇଥିଲା। ଏଥର ସ୍ମେଲଟର, ପଟ୍‌ଲାଇନ, କାଷ୍ଟହାଉସ ଏ, କାଷ୍ଟହାଉସ ବି, ରୋଡିଂଶପ୍ ଏ, ରୋଡିଂଶପ୍ ବି, ସିପିପି ଇଲେକ୍ଟ୍ରିକାଲ, ସିପିପି ଅପରେଶନ, ସିଏଚ୍‌ପି, ମ୍ୟାଟେରିଆଲ, ଜିଏପି, ବେକଓଭନ, ରୋଲିଙ୍ଗପ୍ଲାଣ୍ଟ, ମୋବାଇଲଶପ୍, ଠିକାଦାର ସଂଘ, କାର୍ବନ ଏରିଆ, ମେକାନିକାଲ, ପିଟିଏମଶପ୍ ଆଦି ବିଭାଗ ପକ୍ଷରୁ ଧୁମ୍‌ଧାମରେ ପୂଜା ଅନୁଷ୍ଠିତ ହେବ। ଗତବର୍ଷ ନାଲ୍‌କୋ କଲୋନୀ ବାହାରେ ଦୋଳି, ମିନା ବଜାର ଓ ଉଠା ଦୋକାନ ପଡିଥିଲା। ମାତ୍ର ଚଳିତବର୍ଷ କଲୋନୀ ପରିସରରେ ଏସବୁର ଆୟୋଜନ କରାଯିବ। ରାଜ୍ୟର ବିଭିନ୍ନ ସ୍ଥାନରୁ ଆସିବାକୁ ଥିବା ଦର୍ଶକଙ୍କ ପାଇଁ ଏହି ମିନାବଜାର ଓ ଦୋଳି ଅନ୍ୟତମ ଆକର୍ଷଣ ସାଜିବାକୁ ଥିବାରୁ ଏଥିପାଇଁ ପ୍ରସ୍ତୁତି ବୈଠକରେ ଆଲୋଚନା କରାଯାଇଥିଲା। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜିଜିଏମ୍ ଏସ୍. କେ. ବାସୁ, ସିପିପି ଜିଏମ୍ ସୁଧୀର ପଟ୍ଟନାୟକ, ଡିଜିଏମ୍ ରାଜାରାମ ମିଶ୍ର, ଇଷ୍ଟେଟ ଅଧିକାରୀ ଲଲାଟେନ୍ଦୁ ମହାପାତ୍ର, ନାଲ୍‌କୋ ଥାନା ଅଧିକାରୀ ଯାଜ୍ଞସେନୀ ପ୍ରଧାନ, ହରିହର ସାହୁଙ୍କ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଓ ବିଭିନ୍ନ ଶ୍ରମିକ ସଂଘ କର୍ମକର୍ତ୍ତା ଯୋଗ ଦେଇ ଆଲୋଚନାରେ ଭାଗ ନେଇଥିଲେ।

## ପଞ୍ଚାୟତ ସମ୍ମୁଖରେ ବିକ୍ଷୋଭ

**ତାଳଚେର,୨୨।୮ (ମନୋଜ ନନ୍ଦ)**

ଦୁର୍ନୀତି, ଭ୍ରଷ୍ଟାଚାର, ବଂଶବାଦ ଓ ରାଜ୍ୟରେ ବ୍ୟାପକ ପିସି କାରବାର ବିରୋଧରେ ଭାଜପା ପକ୍ଷରୁ ମଙ୍ଗଳବାର ତାଳଚେର ବ୍ଲକର ଗୁରୁଜାଙ୍ଗୁଲି, ସନ୍ଥପଡା ଓ ଗୋବରା ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଭାରତ ସରକାରଙ୍କ କ୍ଷୁଦ୍ର ଶିଳ୍ପ ନିଗମ ନିର୍ଦ୍ଦେଶକ କାଳନ୍ଦୀ ସାମଲଙ୍କ ନେତୃତ୍ୱରେ ଏହି ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଗୁରୁଜାଙ୍ଗୁଲି ପଞ୍ଚାୟତରେ ମଣ୍ଡଳ ସଭାପତି ବରୁଣ ସାହୁଙ୍କ ଆବାହକତ୍ୱରେ ତଥା ସୁଶାନ୍ତ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ବିକ୍ଷୋଭରେ ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ବୃନ୍ଦାବନ ବେହେରା, ଜିଲା ମିଡିଆ ସେଲ୍ ଅଧ୍ୟକ୍ଷ ପର୍ଶୁରାମ ବାରିକ, ପ୍ରଭାରୀ ପ୍ରଦୀପ କୁମାର ସାମଲ, ମଣ୍ଡଳ ସାଧାରଣ ସମ୍ପାଦକ ସହଦେବ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ସନ୍ଥପଡା ପଞ୍ଚାୟତରେ ସଭାପତି ସୋମନାଥ ସାମଲ, ପ୍ରଭାରୀ ସନ୍ତୋଷ ମହାନ୍ତି, କହ୍ନେଇ ସାମଲ ପ୍ରମୁଖ ବିକ୍ଷୋଭରେ ସାମିଲ ହୋଇଥିଲେ। ଗୋବରା ପଞ୍ଚାୟତରେ ମଣ୍ଡଳ ସଭାପତି ନରେନ୍ଦ୍ର ସାହୁ, ପ୍ରଭାରୀ କାଳନ୍ଦୀ ସାମଲ, ଏସ୍‌ସି ମୋର୍ଚ୍ଚା ସଭାପତି ଅଜୟ ଗୋଚ୍ଛାୟତ ପ୍ରମୁଖ ଯୋଗ ଦେଇଥିଲେ।

## ‘ଗୁଣବତ୍ତା ସୁଧାର’ ପାଇଁ ଏମ୍‌ସିଏଲ୍‌କୁ ପ୍ରଥମ ପୁରସ୍କାର


ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ପୁରସ୍କାର ଗ୍ରହଣ କରୁଛନ୍ତି।

**ତାଳଚେର,୨୨।୮ (ମନୋଜ ନନ୍ଦ)**

ଗ୍ରୀନଟେକ ଫାଉଣ୍ଡେଶନ ତରଫରୁ ‘ଗୁଣବତ୍ତା ସୁଧାର’ ନିମନ୍ତେ ମହାନଦୀ କୋଲଫିଲ୍ଡସ ଲିମିଟେଡ (ଏମ୍‌ସିଏଲ୍)କୁ ପ୍ରଥମ ପୁରସ୍କାର ପ୍ରଦାନ କରାଯାଇଛି। ଗତ ୨୧ ତାରିଖରେ ନୂଆଦିଲ୍ଲୀରେ ଆୟୋଜିତ ଏହି ପୁରସ୍କାର ବିତରଣ ଉତ୍ସବରେ ଜେନେରାଲ ମ୍ୟାନେଜର (ଗୁଣବତ୍ତା ନିୟନ୍ତ୍ରଣ) ରବିକେଶ କୁମାର ରାଜୁ ଯୋଗଦେଇ ଏମ୍‌ସିଏଲ୍ ତରଫରୁ ଏହି ପୁରସ୍କାର ଗ୍ରହଣ କରିଥିଲେ। କୋଇଲା ଗୁଣବତ୍ତା ସୁନିଶ୍ଚିତ କରିବା ପାଇଁ ନିରନ୍ତର ଉଦ୍ୟମ କରିଥିବାରୁ ଟିମ୍ ଏମ୍‌ସିଏଲ୍‌କୁ ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଓ.ପି. ସିଂହ ଅଭିନନ୍ଦନ ଜଣାଇଛନ୍ତି। ଗ୍ରାହକଙ୍କ ସନ୍ତୁଷ୍ଟି ନିମନ୍ତେ ସର୍ବୋଚ୍ଚ ଗୁଣର ମାନ ବଜାୟ ରଖିବା ପାଇଁ ପ୍ରୟାସ ଜାରି ରଖିବା ଉଚିତ ବୋଲି ଏମ୍‌ସିଏଲ୍ ଅଧ୍ୟକ୍ଷ କହିଛନ୍ତି। ସୂଚନାଯୋଗ୍ୟ, ଏହା ପୂର୍ବରୁ କମ୍ପାନୀ ୨୦୨୨–୨୩ ମସିହାରେ ଗୁଣବତ୍ତା ଆଶ୍ୱାସନା ପାଇଁ କୋଇଲା ମନ୍ତ୍ରୀ ପୁରସ୍କାର ପାଇଥିଲା।

## ହଷ୍ଟେଲରୁ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ

**ପାଲଲହଡା,୨୨।୮ (ଦିବ୍ୟଜ୍ୟୋତି ଦାଶ)/ ଖମାର (ରଜନୀକାନ୍ତ ମହାରଣା)**

ଅନୁଗୋଳ ଜିଲା ପାଲଲହଡା ଉପଖଣ୍ଡ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟର ଛାତ୍ରୀ ନିବାସରୁ ମଙ୍ଗଳବାର ଜଣେ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଖମାର ଥାନା ପୋଲିସ ଜବତ କରିଛି। ମୃତ ଛାତ୍ରୀଙ୍କ ଘର ତାଳଚେର ଅଞ୍ଚଳରେ ହୋଇଥିବା ବେଳେ ସେ ଯୁକ୍ତ ୨ ବିଜ୍ଞାନ ଦ୍ୱିତୀୟ ବର୍ଷରେ ପଢୁଥିଲେ। ଅପରାହ୍ନରେ ସମ୍ପୃକ୍ତା ଛାତ୍ରୀ ଫ୍ୟାନରେ ରଶି ଲଗାଇ ଦେଇଥିବା ଖବରପାଇ କଲେଜ କର୍ତ୍ତୃପକ୍ଷ ଓ ଖମାର ପୋଲିସ ତାଙ୍କୁ ଖମାର ମେଡିକାଲ ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଦେଇଛି। ଏ ସଂକ୍ରାନ୍ତରେ ଖମାର ଥାନାରେ ନଂ. ୫/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି। ଖମାର ଥାନା ଅଧିକାରୀ ପ୍ରଶାନ୍ତ କୁମାର ପଡ଼ିହାରୀ କହିଛନ୍ତି, ଛାତ୍ରୀ ଜଣକ ଫ୍ୟାନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଅଧିକ ତଦନ୍ତ ପରେ ସତ୍ୟାସତ୍ୟ ଜଣାପଡ଼ିବ। କଲେଜ ଅଧ୍ୟକ୍ଷ ଜୟଦେବ ବିଶ୍ୱାଳ କହିଛନ୍ତି, ୨ ଦିନ ତଳେ ସମ୍ପୃକ୍ତା ଛାତ୍ରୀ କଲେଜ କ୍ୟାଣ୍ଟିନରେ କେତେଜଣ ଅଣଛାତ୍ରଙ୍କ ସହ କେକ୍ କାଟି ଜନ୍ମଦିନ ପାଳନ କରିଥିଲେ। ଏ ସମ୍ପର୍କରେ କଲେଜ ପକ୍ଷରୁ ଛାତ୍ରୀଙ୍କ ମା’ ବାପାଙ୍କୁ ଅବଗତ କରାଯାଇଥିଲା। ତେଣୁ ପାରିବାରିକ କଳହ ପାଇଁ ଛାତ୍ରୀଜଣଙ୍କ ଆତ୍ମହତ୍ୟା କରିଥିବା ଅନୁମାନ କରାଯାଉଛି। ଛାତ୍ରୀଙ୍କ ମା’ କହିଛନ୍ତି, କେଉଁ କାରଣ ପାଇଁ ଝିଅ ଆତ୍ମହତ୍ୟା କରିଛି ତାହା ଜାଣିନାହୁଁ। ଅନ୍ୟପକ୍ଷରେ ଏହି ଘଟଣା ପରେ ଛାତ୍ରୀ ନିବାସରେ ଭୟର ବାତାବରଣ ଖେଳିଯାଇଛି। କେତେଜଣ ଛାତ୍ରୀ ଭୟରେ ସଂଜ୍ଞାହୀନ ହୋଇପଡ଼ିବାରୁ ସେମାନଙ୍କୁ ଖମାର ମେଡିକାଲରେ ଭର୍ତ୍ତି କରାଯାଇଥିବା ସୂଚନା ମିଳିଛି।

## ଅଗ୍ନିକାଣ୍ଡ ମୁକାବିଲା କୌଶଳ ପ୍ରଶିକ୍ଷଣ


ଅଗ୍ନିଶମ କର୍ମଚାରୀମାନେ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି।

**ବଇଣ୍ଡା,୨୨।୮ (ପରିକ୍ଷିତ ସାହୁ)**

ବିଭିନ୍ନ ସମୟରେ ଅଗ୍ନିକାଣ୍ଡ ଘଟି ଅନେକ ସମ୍ପତ୍ତି ନଷ୍ଟ ହେଉଛି। ଏପରିକି ଅସାବଧାନତା ଯୋଗୁ ଲୋକଙ୍କ ଜୀବନହାନି ମଧ୍ୟ ହେଉଛି। ତେଣୁ ଏ ନେଇ ସଚେତନ ରହିବା ସହ ଅଗ୍ନିକାଣ୍ଡ ମୁକାବିଲା ଉପରେ ଗୁରୁତ୍ୱ ଦେବାକୁ ଆଠମଲ୍ଲିକ ଅଗ୍ନିଶମ ବିଭାଗ ପକ୍ଷରୁ ମଙ୍ଗଳବାର ଠାକୁରଗଡ଼ ଥାନା ପାଇକସାହି ରାଧାମାଧବ ଉଚ୍ଚ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ ଶୁକଦେବ ସାହୁ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଆଠମଲ୍ଲିକ ଅଗ୍ନିଶମ କେନ୍ଦ୍ର ଅଧିକାରୀ ଅରୁଣ କୁମାର ନାୟକ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କିଭଳି ଛାତ୍ରୀଛାତ୍ରମାନେ ଅଗ୍ନିକାଣ୍ଡରୁ ରକ୍ଷା ପାଇବେ ସେ ସମ୍ପର୍କରେ ବୁଝାଇଥିଲେ। ମୁଖ୍ୟ କନଷ୍ଟେବଲ ତପନ ସାମଲ, କନଷ୍ଟେବଲ ଅଶୋକ କୁମାର ସାହୁ, ପ୍ରଶାନ୍ତ କୁମାର ନାୟକ, ଶ୍ରୀକୃଷ୍ଣ ରାଉତ, ବାସୁଦେବ ମହାନ୍ତି ପ୍ରଶିକ୍ଷକ ଭାବରେ ଯୋଗଦେଇ ଅଗ୍ନିକାଣ୍ଡରୁ କିପରି ରକ୍ଷା ପାଇବେ ସେ ସମ୍ପର୍କରେ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ଶିକ୍ଷୟିତ୍ରୀ ମୋନାଲିସା ସାହୁ, ରେଣୁକା ମାଝି, ଶିକ୍ଷକ ସୁଜିତ ଖାଡିଆ, ଶଶୀଭୂଷଣ ସାହୁ, ପପୁ ରଞ୍ଜନ ସାହୁ, ସୌରଭ ସରକାର, ପ୍ରଶ୍ନ ବେହେରା, ପ୍ରଶ୍ନ ପ୍ରଧାନଙ୍କ ସମେତ ଛାତ୍ରୀଛାତ୍ର ମାନେ ଉପସ୍ଥିତ ଥିଲେ।

## ‘ଭଲ ପଢ଼ିଲେ ସଫଳତା ପାଇବ’

**ବଇଣ୍ଡା,୨୨।୮ (ପରିକ୍ଷିତ ସାହୁ)**

ଛାତ୍ରୀଛାତ୍ରମାନେ ମନ ଦେଇ ପାଠ ପଢ଼ିଲେ ସଫଳତାର ଶୀର୍ଷରେ ପହଞ୍ଚିବା ସହ ସ୍ୱପ୍ନ ସାକାର କରିପାରିବେ। କିଶୋରନଗର ବ୍ଲକ ବଇଣ୍ଡାସ୍ଥିତ ଜନତା ମହାବିଦ୍ୟାଳୟଠାରେ ସୋମବାର ଯୁକ୍ତ୩ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କ ସ୍ୱାଗତ ସମ୍ବର୍ଦ୍ଧନା ସଭାରେ ଯୋଗ ଦେଇ ଅତିଥିମାନେ ଏହି ପରାମର୍ଶ ଦେଇଛନ୍ତି। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ କାଳନ୍ଦୀ ଚରଣ ପ୍ରଧାନ ଯୋଗ ଦେଇଥିବା ବେଳେ ଅନ୍ୟତମ ଅତିଥି ଭାବେ ଅଧ୍ୟାପକ ଅସିତ କୁମାର ଜେନା, ନିରଞ୍ଜନ ଦାସ, ଚନ୍ଦ୍ରଶେଖର ସିଂହ ଯୋଗଦେଇ ଛାତ୍ରୀଛାତ୍ରଙ୍କ ଭବିଷ୍ୟତ ଗଢ଼ିବା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ନୂତନ ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଦେଇ ମହାବିଦ୍ୟାଳୟକୁ ସ୍ୱାଗତ କରାଯାଇଥିଲା। ଅଧ୍ୟାପିକା ସୁମିତ୍ରା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।


ଛାତ୍ରୀଛାତ୍ରଙ୍କୁ ଚନ୍ଦନ ଲଗାଇ ସ୍ୱାଗତ କରାଯାଉଛି।

## ଭେଷଜ ବିଶେଷଜ୍ଞ ନିଯୁକ୍ତି ଦାବି


ଜିଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

**ଅନୁଗୋଳ,୨୨।୮ (ଅମିତ କୁମାର ସାମଲ)**

ଅନୁଗୋଳ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭେଷଜ ବିଶେଷଜ୍ଞ ନିଯୁକ୍ତି ପାଇଁ ଜିଲା ସ୍ୱେଚ୍ଛାସେବୀ ସମୂହ ତରଫରୁ ମଙ୍ଗଳବାର ଜିଲାପାଳଙ୍କ ନିକଟରେ ଦାବି ଉପସ୍ଥାପନ କରାଯାଇଛି। ସ୍ମାରକପତ୍ରରେ ଦର୍ଶାଯାଇଛି, ବିଗତ ଦିନରେ ଜିଲା ମୁଖ୍ୟ ଚିକିତ୍ସାଳୟରେ ୩ଜଣ ଭେଷଜ ବିଶେଷଜ୍ଞ ନିଯୁକ୍ତି ପାଇଥିଲେ। ହେଲେ ସେମାନଙ୍କ ମଧ୍ୟରୁ ଜଣେ ବରିଷ୍ଠ ଡାକ୍ତରଙ୍କ ମୃତ୍ୟୁ ଘଟିସାରିଛି। ଅନ୍ୟଜଣେ ଡାକ୍ତରଙ୍କ ବାହାର ଜିଲାକୁ ବଦଳି ହୋଇଛି। ଏଣୁ ବର୍ତ୍ତମାନ ଜଣେ ଭେଷଜ ବିଶେଷଜ୍ଞ ବିଭାଗର ସମସ୍ତ କାର୍ଯ୍ୟ ସମ୍ଭାଳୁଛନ୍ତି। ଦୈନିକ ଶତାଧିକ ରୋଗୀଙ୍କ ଚିକିତ୍ସା ତାଙ୍କ ପକ୍ଷେ ସମ୍ଭବପର ନୁହେଁ। ଜିଲା ପାଇଁ ୧୪ ଜଣ ଭେଷଜ ବିଶେଷଜ୍ଞ ନିଯୁକ୍ତି ପାଇଁ ଅନୁମୋଦନ ରହିଥିବା ବେଳେ ଅଛନ୍ତି ମାତ୍ର ଜଣେ। ଫଳରେ ରୋଗୀ ସେବା ସମ୍ପୂର୍ଣ୍ଣ ବ୍ୟାହତ ହୋଇଛି। ତୁରନ୍ତ ଭେଷଜ ବିଶେଷଜ୍ଞ ନିଯୁକ୍ତି ନ ହେଲେ ରୋଗୀ ଚିକିତ୍ସା ସେବାରୁ ବଞ୍ଚିତ ହେବେ। ଜିଲାପାଳ ଏ ଦିଗରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ନିମନ୍ତେ ସାମାଜିକ କର୍ମୀ ପର୍ଶୁରାମ ଦାଶ, ପ୍ରତାପ ମହାପାତ୍ର, ଅନୁପ କୁମାର ପଟ୍ଟନାୟକ ଓ ଦିବ୍ୟଜ୍ୟୋତି ନାୟକ ପ୍ରମୁଖ ସ୍ମାରକପତ୍ର ପ୍ରଦାନ କରିଛନ୍ତି। ଏଥିସହ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ମଧ୍ୟ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି।

## ମୃତ ବାର୍‌ହା ଜବତ, ଶିକାରୀ ଗିରଫ



**ଆଠମଲ୍ଲିକ,୨୨।୮ (ଉଦୀପ୍ତ ପୁରୋହିତ)**

ବାମୁର ରେଞ୍ଜ ବାଜପୁର ବିଟ୍ ବୀଜାମଲିହା ସଂରକ୍ଷିତ ଜଙ୍ଗଲରୁ ମଙ୍ଗଳବାର ଜଣେ ଶିକାରୀଙ୍କୁ ଗିରଫ କରାଯାଇଛି। ତାଙ୍କ ନିକଟରୁ ଏକ ବାର୍‌ହା ମୃତଦେହ ଜବତ କରାଯାଇଛି। କିଆକଟା ଥାନା ଜଗନ୍ନାଥପୁର ଗ୍ରାମର ସଞ୍ଜୀବ ରାଉତ ବାର୍‌ହା ଶିକାର କରିଥିବା ଖବରପାଇ ରେଞ୍ଜର ସରୋଜ କୁମାର ମିଶ୍ର, ଫରେଷ୍ଟର ସୁରେନ୍ଦ୍ର ପାତ୍ରଙ୍କ ନେତୃତ୍ୱରେ ବନରକ୍ଷୀମାନେ ଜଙ୍ଗଲରେ ଜଗି ରହିଥିଲେ। ସଞ୍ଜୀବ ଫେରୁଥିବା ବେଳେ ତାଙ୍କୁ ଗିରଫ କରାଯାଇଥିଲା। କିଶୋରନଗର ବିଡିଓ କମଳ ଦାସ ବାର୍‌ହା ମୃତଦେହ ବ୍ୟବଚ୍ଛେଦ କରିବା ପରେ ତାହାକୁ ପୋତି ଦିଆଯାଇଛି।

## ଆତ୍ମନିର୍ଭରଶୀଳ ସମ୍ପର୍କରେ କରାଗଲା ସଚେତନ

**ତାଳଚେର,୨୨।୮ (ମନୋଜ ନନ୍ଦ)**

ତାଳଚେରସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସୋସିଆଲ ଡେଭଲପମେଣ୍ଟ ଫାଉଣ୍ଡେଶନ ପକ୍ଷରୁ ବନ୍ତୁଲ ପଞ୍ଚାୟତସ୍ଥିତ ତାଲିମ ଗୃହଠାରେ ଗୋଷ୍ଠୀ ସଦସ୍ୟାମାନଙ୍କୁ ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ୍ତୁଲ ସରପଞ୍ଚ ଜୟନ୍ତୀଲାଲ ପ୍ରଧାନ ଯୋଗଦେଇ ଶିଳ୍ପାନୁଷ୍ଠାନର ସାମାଜିକ ଦାୟିତ୍ୱବୋଧ ଯୋଜନାରେ ଅଧିକରୁ ଅଧିକ କିପରି ଗୋଷ୍ଠୀ ସଦସ୍ୟାମାନେ ଅନ୍ତର୍ଭୁକ୍ତ ହେବା ସହ ଆତ୍ମନିର୍ଭରଶୀଳ ହେଇପାରିବେ ସେ ସମ୍ପର୍କରେ ସଚେତନ କରିଥିଲେ। ଅନୁଷ୍ଠାନ ସମ୍ପାଦକ ବୁଦ୍ଧଦେବ ଦାସ ଅତିଥି ପରିଚୟ ଦେବା ସହ ଗ୍ରାମ କୁଟୀର ଶିଳ୍ପର ବିକାଶ କିପରି ଘଟିବ ଏବଂ ସିଏସ୍‌ଆର୍ ଯୋଜନାରେ ମା’ମାନେ ଲାଭବାନ ହେବେ ତାହା ଉପରେ ବିବରଣୀ ପ୍ରଦାନ କରିଥିଲେ। ପୂର୍ବତନ ସରପଞ୍ଚ ଅବନୀ କୁମାର ଦେହୁରୀ ଯୋଗଦେଇ ଏନ୍‌ଟିପିସିର ସାମାଜିକ ଦାୟିତ୍ୱରେ କିପରି ପଞ୍ଚାୟତ ଉନ୍ନତି ସାଧିତ ହେବ ସେ ସମ୍ପର୍କରେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଭିନ୍ନ ଗୋଷ୍ଠୀର ୬୫ ଜଣ ସଦସ୍ୟା ଭାଗ ନେଇଥିଲେ। ଓଡ଼ିଶା ଜୀବିକା ମିଶନ, ମିଶନ ଶକ୍ତିର ଗୋଷ୍ଠୀ ସାଧନ ବ୍ୟକ୍ତିମାନେ ଯୋଗଦାନ କରିଥିଲେ। ଅନୁଷ୍ଠାନ ତରଫରୁ ମହାଦେବ ଦାସ, ମମତାରାଣୀ ବିଶିମାଝି ପ୍ରମୁଖ ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ ଗୋଷ୍ଠୀ ସଦସ୍ୟାମାନେ।

## ଜୀବିକା ମିଶନରେ ସ୍ଥାୟୀ ନିଯୁକ୍ତି ଦାବି

**ଅନୁଗୋଳ,୨୨।୮ (ଅମିତ କୁମାର ସାମଲ)**

କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଜୀବିକା ମିଶନ ଯୋଜନାର ସଫଳ ରୂପାୟନ ପାଇଁ କାର୍ଯ୍ୟ କରିଥିବା ଇଣ୍ଟରନାଲ କମ୍ୟୁନିଟି ରିସର୍ଚ୍ଚ ପର୍ସନ (ଆଇସିଆରପି)ମାନେ ସ୍ଥାୟୀ ନିଯୁକ୍ତି ପାଇଁ ଦାବି କରିଛନ୍ତି। ଅନୁଗୋଳ ଜିଲାରେ କାର୍ଯ୍ୟରତ ଏହି ଆଇସିଆର୍‌ପିମାନେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ୫ ଦଫା ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିଛନ୍ତି। ସେମାନେ ଦାବି କରିଛନ୍ତି, ପଞ୍ଚାୟତସ୍ତରରେ ସୋସିଆଲ ଅଡିଟର ପଦବୀ ସୃଷ୍ଟି କରାଯାଇ ଆଇସିଆର୍‌ପିମାନଙ୍କୁ ନିଯୁକ୍ତି ପ୍ରଦାନ କରାଯାଉ। ସେମାନଙ୍କୁ ୧ ମାସ କିମ୍ବା ୨ ମାସ କାମ ଦିଆଯିବା ପରିବର୍ତ୍ତେ ବର୍ଷକ ୧୨ ମାସ କାର୍ଯ୍ୟରେ ନିୟୋଜିତ କରାଯାଉ। ସିଧାସଳଖ କୃଷିମିତ୍ର, ପ୍ରାଣୀମିତ୍ର ଭାବେ ନିଯୁକ୍ତି ଦିଆଯାଉ। ପଞ୍ଚାୟତସ୍ତରରେ ବା ବ୍ଲକସ୍ତରରେ ଯେ କୌଣସି କାର୍ଯ୍ୟରେ ଆଇସିଆର୍‌ପିମାନଙ୍କୁ ଅଗ୍ରାଧିକାର ଦିଆଯାଉ। ଜୀବିକା ମିଶନ, ମିଶନ ଶକ୍ତି ଅଧୀନରେ କାର୍ଯ୍ୟ ପ୍ରଦାନ ସହ କମ୍ୟୁନିଟି କ୍ୟାଡରର ମାନ୍ୟତା ଦିଆଯାଉ।



ଆଇସିଆର୍‌ପିମାନେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ ପାଇଁ ଯାଉଛନ୍ତି।

## ସଚେତନ ହେଲେ ୪ଶହ ଛାତ୍ରୀଛାତ୍ର



ସାପକାମୁଡା ସଚେତନ କର୍ମଶାଳାରେ ଛାତ୍ରୀଛାତ୍ରଙ୍କ ସମେତ ଅନ୍ୟମାନେ।

**ଅନୁଗୋଳ,୨୨।୮ (ଅମିତ କୁମାର ସାମଲ)**

ସାପକାମୁଡ଼ା ପ୍ରତି ସାଧାରଣରେ ଥିବା ଭ୍ରାନ୍ତଧାରଣା, ଭୟ ଓ ଅନ୍ଧବିଶ୍ୱାସ ଯୋଗୁ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଉଛି। ସାପ ସଂଖ୍ୟା ମଧ୍ୟ ହ୍ରାସ ପାଉଛି। ତେଣୁ ବୈଜ୍ଞାନିକ ପଦ୍ଧତିରେ ସାପ ଓ ସାପକାମୁଡା ବିଷୟରେ ଜ୍ଞାନ ଆହରଣ ଏବଂ ସଚେତନ ହୋଇପାରିଲେ ଏହି ସମସ୍ୟାର ସରଳ ସମାଧାନ ହୋଇପାରିବ ବୋଲି ଅନୁଗୋଳର ବେଡାଶାସନ ଉଚ୍ଚ ବିଦ୍ୟାଳୟ, ବଡକେରେଜାଙ୍ଗ ଉଚ୍ଚ ବିଦ୍ୟାଳୟ ଓ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନରେ ଆୟୋଜିତ ସାପକାମୁଡା ସଚେତନତା କର୍ମଶାଳାରେ ମତପ୍ରକାଶ ପାଇଛି।

ସାମାଜିକ ଅନୁଷ୍ଠାନ ସାଥୀ ପରିବାର ପକ୍ଷରୁ ଆୟୋଜିତ ଏହି ୩ଟି କର୍ମଶାଳାରେ ଅନୁଷ୍ଠାନର ସଦସ୍ୟ ଆଦିତ୍ୟ ବେହେରା ଯୋଗଦେଇ ବିଷଧର, ବିଷହୀନ ସାପ ଚିହ୍ନଟ, ସାପକାମୁଡାର ପ୍ରାଥମିକ ଚିକିତ୍ସା, ପରିବେଶ ସନ୍ତୁଳନରେ ସାପର ଭୂମିକା ଏବଂ ସାପକାମୁଡା ସମ୍ବନ୍ଧରେ ଥିବା ପୁରୁଣା ଲୋକକଥା ଏବଂ ଅନ୍ଧବିଶ୍ୱାସ ଦୂର ଆଦି ବିଷୟରେ ୩ଟି ସ୍କୁଲର ପ୍ରାୟ ୪୦୦ରୁ ଅଧିକ ଛାତ୍ରୀଛାତ୍ରଙ୍କୁ ସଚେତନ କରାଇଥିଲେ। ପ୍ରଧାନ ଶିକ୍ଷକ ଆଶୁତୋଷ ମହାପାତ୍ର, ଚିତ୍ତରଞ୍ଜନ ସାମନ୍ତ ଏବଂ ଆର୍ଯ୍ୟଭଟ୍ଟ ଶିକ୍ଷାନୁଷ୍ଠାନର ପ୍ରତିଷ୍ଠାତା ବିନୋଦ ମାଝିଙ୍କ ସଭାପତିତ୍ୱରେ କର୍ମଶାଳା ଆୟୋଜିତ ହୋଇଥିଲା। ପ୍ରକାଶ ସାହୁ, ସିଦ୍ଧାର୍ଥ ପ୍ରଧାନ, ସହକାରୀ ଶିକ୍ଷକ ଏବଂ ସର୍ପଉଦ୍ଧାରକାରୀ ଅଭୟ ସେଠୀ, ଚିନୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ୧୯୨ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ

**ଅନୁଗୋଳ, ୨୨।୮ (ଅମିତ କୁମାର ସାମଲ)**

ଅନୁଗୋଳ ପୌରପାଳିକା କାଉନସିଲ ହଲ୍ ଠାରେ ମଙ୍ଗଳବାର ପ୍ରଧାନମନ୍ତ୍ରୀ ଆବାସ ଯୋଜନାର କାର୍ଯ୍ୟାଦେଶ ବଣ୍ଟନ କରାଯାଇଛି। ଅନୁଗୋଳ ପୌରାଧ୍ୟକ୍ଷ ଅକ୍ଷୟ କୁମାର ସାମନ୍ତ, ଉପାଧ୍ୟକ୍ଷା ଅନୁପମା ସାହୁଙ୍କ ସହ ପୌର ନିର୍ବାହୀ ଅଧିକାରୀ ଗିରିଜା ଶଙ୍କର ମଲ୍ଲିକ ଓ ସମସ୍ତ କାଉନସିଲର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଏହି ଅବସରରେ ୨୦୨୩–୨୪ ଆର୍ଥିକ ବର୍ଷରେ ପୌରପାଳିକାର ୧୯୨ ହିତାଧିକାରୀଙ୍କୁ ଆବାସ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ପୌରପାଳିକା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ଏହି କାର୍ଯ୍ୟାଦେଶ ବଣ୍ଟନ ସମୟରେ ପୌରାଧ୍ୟକ୍ଷ ସାମନ୍ତ ହିତାଧିକାରୀଙ୍କୁ ତୁରନ୍ତ କାର୍ଯ୍ୟ ସାରିବାକୁ ପରାମର୍ଶ ଦେଇଥିଲେ। ୨ ମାସ ମଧ୍ୟରେ କାର୍ଯ୍ୟ ଶେଷ କଲେ ସରକାରଙ୍କ ପକ୍ଷରୁ ପୁରସ୍କାର ରାଶି ପାଇପାରିବେ ବୋଲି ହିତାଧିକାରୀଙ୍କୁ ଅବଗତ କରିଥିଲେ। ସୂଚନାଯୋଗ୍ୟ, ଅନୁଗୋଳ ପୌରପାଳିକାରେ ଅଦ୍ୟାବଧି ୧ ହଜାର ୫୨୬ ଜଣଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଯାଇଛି।


ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

